| Spl.C.S./33/2018 | Shreeram Housing Finance Ltd | 32-SHRI R.M. TUWAR-IX Jt.Civil Judge S.D. Aurangabad. |

**ଜଣେ ଆଡଭୋକେଟ୍ ପାଇଁ ତାରିଖ ଅନୁସାରେ କଜ୍ ଲିଷ୍ଟ କିପରି ସନ୍ଧାନ କରାଯାଏ ।**

- ଡେଟ କେସ୍ ଲିଷ୍ଟ ( ଆଡ୍ଭୋକେଟ୍ କଜଲିଷ୍ଟ) ପାଇବା ପାଇଁ କେସ୍ ଷ୍ଟାଟସ୍ କୁ କ୍ଲିକ୍ କରନ୍ତୁ
- ଡେଟ କେସ୍ ଲିଷ୍ଟ କୁ କ୍ଲିକ୍ କରନ୍ତୁ
- ତା ପରେ ତାରିଖ ଚୟନ କରନ୍ତୁ ।
- "ଗୋ" କ୍ଲିକ୍ କରନ୍ତୁ ।
- ସମୁଦାୟ କେସ୍ କୁ କ୍ଲିକ୍ କରନ୍ତୁ
- ତା ପରେ ଆଡଭୋକେଟ୍ କଜ୍ ଲିଷ୍ଟ ପ୍ରଦର୍ଶିତ ହେବ ।

## ୮.୫. କେସ୍ ଟାଇପ୍ ବିକଳ୍ପ ବ୍ୟବହାର କରି କେସ୍ ସ୍ଥିତି ଦେଖିବା:

ଯଦି ଜଣେ ବ୍ୟକ୍ତି କେସ୍ ପ୍ରକାର ସନ୍ଧାନ ପାଇବାକୁ ଚାହିଁବେ ଯଥା : ଅପିଲ୍ ପ୍ରକାର ମାମଲା, ତେବେ ଏହି ବିକଳ୍ପକୁ ବ୍ୟବହାର କରିବାକୁ ପଡିବ । ଯେ କୌଣସି କେସ୍ ପ୍ରକାର ଚୟନ କରି ଜଣେ କେସ୍ ପ୍ରକାର ତାଲିକା ପାଇପାରିବା । ଉଦାହରଣ :- ଏଠାରେ ସ୍କ୍ରୀନଶଟ୍ ରେ ଚୟନ କରାଯାଇଥିବା କେସ୍ ପ୍ରକାର ହେଉଛି "ଅପିଲ୍", ତେଣୁ ଅପିଲ୍ ସୁଟ୍ ତାଲିକାରେ ଦର୍ଶାଯାଇଛି ।

**କେସ୍ ପ୍ରକାର ବିକଳ୍ପ ବ୍ୟବହାର କରି କିପରି ଖୋଜିବେ**

- କେସ୍ ପ୍ରକାର କ୍ଲିକ୍ କରନ୍ତୁ
- କେସ୍ ପ୍ରକାର ବିକଳ୍ପ କ୍ଲିକ୍ କରନ୍ତୁ
- କେସ୍ କମ୍ପ୍ଲେକ୍ସ ବିକଳ୍ପ ଚୟନ କରନ୍ତୁ
- କେସ୍ ପ୍ରକାର ଚୟନ କରନ୍ତୁ
- ବର୍ଷ ପୂରଣ କର
- ବିଚାରଧୀନ ଫଇସଲାଯୁକ୍ତ ପାଇଁ ରେଡିଓ /ବଟନ୍ ଚୟନ କରନ୍ତୁ
- 'ଯାଆନ୍ତୁ' କ୍ଲିକ୍ କରନ୍ତୁ
- କେସ୍ ପ୍ରକାର ସହିତ ପ୍ରଦର୍ଶିତ କେସ୍ କ୍ଲିକ୍ କରନ୍ତୁ
- କେସ୍ ନମ୍ବର ଉପରେ କ୍ଲିକ୍ କରନ୍ତୁ, ଏହା କେସ୍ ଇତିହାସକୁ ଆହୁରି ଖୋଲିବ
- ଯଦି ଆମେ ହେଡିଙ୍ଗ୍ ଉପରେ କ୍ଲିକ୍ କରିବା ତେବେ କେସ୍ ର ସବିଶେଷ ତଥ୍ୟ ଉପରେ ଆହୁରି ବିସ୍ତାର ହେବ






Sub Court,Avinashi : 49

| Sr.No | Case Number | Party Name |
|---|---|---|
| 1 | AS/57/2018 | Rajan nagar welfare Society vs SUBRAMANIAM |
| 2 | AS/56/2018 | Chinnasamy vs Deivasigamani(Died) |
| 3 | AS/55/2018 | Ramasamy gounder (DIED) vs Karuppa gounder (DIED) |
| 4 | AS/54/2018 | Kesavamorthy vs Ruckmani |
| 5 | AS/53/2018 | Poovathal vs Kumarasamy gounder |

## ୮.୬ ‘ପାର୍ଟି ‘ ବିକଳ୍ପ ବ୍ୟବହାର କରି କେସ୍ ସ୍ଥିତି ଦେଖିବା

ଏହି ‘ପାର୍ଟି ‘ ବିକଳ୍ପ ବ୍ୟବହାର କରି ଜଣେ ନାମ ଅନୁଯାୟୀ କେସ୍ ଖୋଜିପାରିବେ । ଉଦାହରଣ ସ୍ୱରୂପ ଯଦି ‘ରଙ୍ଗସ୍ୱାମୀ ‘ ନାମରେ କୌଣସି ମାମଲା ଅଛି କି ନ ହିଁ ଜଣେ ଜାଣିବାକୁ ଚାହିଁବେ, ଏଠାରେ ଦେଖାଯାଇଥିବା ପଦକ୍ଷେପ ଗୁଡିକୁ ଅନୁସରଣ କାଟନ୍ତୁ ଏବଂ ନାମରୁ ମାମଲା ଖୋଜନ୍ତୁ ଏବଂ ରଙ୍ଗସ୍ୱାମୀ ନାମର ମାମଲା ପ୍ରଦର୍ଶିତ ହେବ ଯାହା ଏଠାରେ ସ୍କ୍ରିନ୍ ଶଟ୍ ରେ ପ୍ରଦର୍ଶିତ ହୋଇଛି ।

**ପକ୍ଷ ନାମରେ କେସ୍ କିପରି ଖୋଜିବେ**

- କେସ୍ ଷ୍ଟାଟସ୍ କ୍ଲିକ୍ କରନ୍ତୁ
- ରାଜ୍ୟ ଜିଲ୍ଲା ଚୟନ କରନ୍ତୁ
- ‘ ପାର୍ଟି ‘ ବିକଳ୍ପକୁ କ୍ଲିକ୍ କରନ୍ତୁ
- କୋର୍ଟ୍ କମ୍ପ୍ଲେକ୍ସ ଚୟନ କରନ୍ତୁ
- ଆବେଦନକାରୀ ଉତ୍ତରଦାତା ନାମ ଚୟନ କରନ୍ତୁ /
- ବର୍ଷ ପୂରଣ କରନ୍ତୁ
- ରେଡିଓ ବଟନ୍ ବିଚାରାଧୀନ ଉଭୟ ଚୟନ / ଫଇସଲାଯୁକ୍ତ / କରନ୍ତୁ
- ଗୋ (ଯାଆନ୍ତୁ)କ୍ଲିକ୍ କରନ୍ତୁ
- କେସ୍ ର ନମ୍ବର କ୍ଲିକ୍ କରନ୍ତୁ
- ପକ୍ଷ ନାମ ସହିତ କେସ୍ ନମ୍ବର ଦେଖାଯିବ
- ଆବଶ୍ୟକ କେସ୍ ନମ୍ବର ଉପରେ କ୍ଲିକ୍ କରନ୍ତୁ
- ମାମଲା ଇତିହାସ ପ୍ରଦର୍ଶିତ ହେବ ।




## ୮.୭ ଆକ୍ଟ ଦ୍ୱାରା ଅନୁସନ୍ଧାନ

**ପକ୍ଷ ନାମରେ କେସ୍ କିପରି ଖୋଜିବେ :**

- କେସ୍ ଷ୍ଟାଟସ୍ କ୍ଲିକ୍ କରନ୍ତୁ
- ରାଜ୍ୟ, ଜିଲ୍ଲା ଚୟନ କରନ୍ତୁ
- ଆକ୍ଟ ବିକଳ୍ପ କ୍ଲିକ୍ କରନ୍ତୁ
- କୋର୍ଟ୍ କମ୍ପ୍ଲେକ୍ସ ଚୟନ କରନ୍ତୁ
- ଆକ୍ଟ ସନ୍ଧାନ କରନ୍ତୁ
- ଆକ୍ଟ ଟାଇପ୍ ଚୟନ କରନ୍ତୁ
- ବିଭାଗ ପ୍ରବେଶ କରନ୍ତୁ → ବିଚାରାଧୀନ ପାଇସଲାଯୁକ୍ତ ପାଇଁ / ରେଡିଓବଟନ୍ ଚୟନ କରନ୍ତୁ→ ଗୋ (ଯାଆନ୍ତୁ)କ୍ଲିକ୍ କରନ୍ତୁ → ତା'ପରେ ଆକ୍ଟ ଟାଇପ୍ ସହିତ କେସ୍ ପ୍ରଦର୍ଶିତ ହେବ ।



## ୮.୮ କେଭିଏଟ୍ :

ଏହି କେଭିଏଟ୍ ସନ୍ଧାନ ହେଉଛି ବାରମ୍ବାର ଖୋଜ  ।ଯାଉଥିବା ବିକଳ୍ପ ମଧ୍ୟରୁ ଗୋଟିଏ ଯେତେବେଳେ କେହି ଜାଣିବାକୁ ଚାହାନ୍ତି ଯେ ଏକ ନିର୍ଦ୍ଦିଷ୍ଟ କୋର୍ଟ୍ ରେ ବ୍ୟକ୍ତି କିମ୍ବା ସମ୍ପତ୍ତି ବିରୁଦ୍ଧରେ କୌଣସି କେଭିଏଟ୍ ବିଚାରାଧୀନ ଅଛି କି, ଜଣେ ଏହି କେଭିଏଟ୍ ସନ୍ଧାନ ବିକଳ୍ପ ବ୍ୟବହାର କରିପାରିବେ ।

**କେଭିଏଟ୍ କିପରି ଖୋଜିବେ :** କେସ୍ ଷ୍ଟାଟସ କ୍ଲିକ୍ କରନ୍ତୁ → ରାଜ୍ୟ, ଜିଲ୍ଲା ଚୟନ କରନ୍ତୁ → କେଭିଏଟ୍ ବିକଳ୍ପ କ୍ଲିକ୍ କରନ୍ତୁ → କୋର୍ଟ୍ କମ୍ପ୍ଲେକ୍ସ ଚୟନ କରନ୍ତୁ → ସର୍ଚ୍ଚ ଟାଇପ୍ ଚୟନ କରନ୍ତୁ → କେଭିଏଟ୍ ର ନାମ ପ୍ରବେଶ କରନ୍ତୁ → କେଭିଏଟି ନାମ ପ୍ରବେଶ କରନ୍ତୁ → 'ଗୋ' କ୍ଲିକ୍ କରନ୍ତୁ → ତା 'ପରେ କେଭିଏଟ୍ ସନ୍ଧାନ ସବିଶେଷ ଦେଖାଯିବ → ଯାହାକୁ ଅଧିକ କ୍ଲିକ୍ କରାଯାଇପାରିବ ଏବଂ ଯାହାକି ବିବରଣୀ ପ୍ରଦର୍ଶନ କରିବ ।



## ୮.୯ ପ୍ରି- ଟ୍ରାୟଲ ଆପ୍ଲିକେଶନ୍ (ପରୀକ୍ଷଣ ପୂର୍ବ ପ୍ରୟୋଗ)

ମୋବାଇଲ୍ ଆପ୍ ରେ ଏହି ବିକଳ୍ପ ସର୍ବାଧିକ ବ୍ଯବହୃତ ଏବଂ ଅତ୍ୟନ୍ତ ସନ୍ତୋଷଜନକ ବିକଳ୍ପ ହେବ । ପ୍ରାରମ୍ଭିକ ବିକଳ୍ପରେ ଏହି ବିକଳ୍ପ ନଥିଲା। କିନ୍ତୁ ମୋବାଇଲ୍ ଆପ୍ ଅଧୀନରେ ଆମେ ଜାମିନ , ରିମ ଣ୍ଡ ଷ୍ଟାଟସ୍ ପାଇପ ରିବା କି ନ ହିଁ ତାହା ଉପରେ ଅନେକ ଦାବି ଥିଲା । ଏବଂ ବର୍ତ୍ତମାନ ରିମ ଣ୍ଡ, ଜାମିନ ଇତ୍ୟାଦି ପ୍ରି- ଟ୍ରାୟଲ ପ୍ରୟୋଗ ଗୁଡିକର ସନ୍ଧାନ ପାଇଁ ଏହି ଉପଯୋଗୀ ବିକଳ୍ପ ସହିତ ସର୍ବଶେଷ ସଂସ୍କରଣକୁ ଅଦ୍ଯତନ କରାଯାଇଛି। କେବଳ କଳ୍ପନା କରନ୍ତୁ ଯେ ଆପଣ ନିଜ ହ୍ଯାଣ୍ଡସେଟ୍ ରେ ଗୋଟିଏ ମାଉସ୍ କ୍ଲିକ୍ କରି ରିମାଣ୍ଡ ବିବରଣୀ / ଜାମିନ ଅର୍ଡର ପାଇପାରିବେ । ଏହା ଏକ ପ୍ରଲୋଭନକାରୀ ବିକଳ୍ପ, ଏହାକୁ କେବଳ ଆପ୍ ଣଙ୍କର ମୋବାଇଲ୍ ଫୋନରେ ଚେଷ୍ଟା କରନ୍ତୁ ।

### ୮.୯.୧-ବେଲ୍ ( ଜାମିନ ) ଷ୍ଟାଟସ୍ କିପରି ଜାଣିବେ:

**ବେଲ୍ ( ଜାମିନ ) ଷ୍ଟାଟସ୍ କିପରି ଜାଣିବେ**

- କେସ୍ ଷ୍ଟାଟସ୍ କ୍ଲିକ୍ କରନ୍ତୁ
- ରାଜ୍ୟ, ଜିଲ୍ଲା ଚୟନ କରନ୍ତୁ
- ପ୍ରି -ଟ୍ରାୟଲ ବିକଳ୍ପ -କ୍ଲିକ୍ କରନ୍ତୁ
- କୋର୍ଟ କମ୍ପ୍ଲେକ୍ସ ଚୟନ କରନ୍ତୁ
- ପୋଲିସ ଷ୍ଟେସନ ଚୟନ କରନ୍ତୁ
- ଏଫ୍. ଆଇ. ଆର୍ . ନମ୍ବର ଏବଂ ବର୍ଷ ପ୍ରବେଶ କରନ୍ତୁ
- ବେଲ୍ ରେଡିଓ ବଟନ୍ ଚୟନ କରନ୍ତୁ
- ଗୋ କ୍ଲିକ୍ କରନ୍ତୁ
- ସମୁଦାୟ କେସ୍ ସଂଖ୍ୟା କ୍ଲିକ୍ କରନ୍ତୁ
- ଏହା ଜାମିନ ବିବରଣୀ ପ୍ରଦର୍ଶିତ କରେ




**Bail Details**

| Sr.No | Accused Name | Application Date | Status | Next/Disposed Date | Result |
|---|---|---|---|---|---|
| 1 | Joga Singh | 27/08/2020 | Disposed | 27/08/2020 | GRANTED |

## ୮.୯.୨.ରିମାଣ୍ଡ ଷ୍ଟାଟସ୍ କିପରି ଜାଣିବେ:

ଯଦି କୌଣସି ବ୍ୟକ୍ତିକୁ ହେପାଜତକୁ ନିଆଯାଏ ଏବଂ ଜାଣିବାକୁ ଚାହିଁଲେ ଯେ ତାଙ୍କୁ ରିମାଣ୍ଡରେ ନିଆଯାଇଛି କି ନାହିଁ ତାହା ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଓକିଲଙ୍କ ପାଇଁ ଅତ୍ୟନ୍ତ ସଂବେଦନଶୀଳ ସନ୍ଧାନ ଅଟେ। ସେମାନେ ଏଫ୍. ଆଇ. ଆର୍. ନମ୍ବର ବ୍ୟବହାର କରି ରିମାଣ୍ଡ ସ୍ଥିତି ଯାଞ୍ଚ କରିପାରିବେ । ଉଦାହରଣ : କୌଣସି ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ପୋଲିସ ଷ୍ଟେସନର ଏଫ୍. ଆଇ. ଆର୍. ନମ୍ବର ୨୬୭୨୦୨୦ ଅନୁଯାୟୀ ରିମାଣ୍ଡରେ ଅଛନ୍ତି କି ନାହିଁ । ସେଥିରେ ଏହି ବିକଳ୍ପଟି ଉପଯୋଗୀ ହୁଏ ଏବଂ ରିମାଣ୍ଡ ସ୍ଥିତି ଜାଣିବା ପାଇଁ ନିମ୍ନରେ ଦେଖାଯାଇଥିବା ପରି ପଦକ୍ଷେପ ଅନୁସରଣ କରନ୍ତୁ । ରିମାଣ୍ଡର ଫଳାଫଳ ରିମାଣ୍ଡର ପ୍ରକାର ସହିତ ଦେଖାଯିବ ଯଥା - ପି .ସି. ଆର୍. ପୋଲିସ ହେପାଜତ ରିମାଣ୍ଡ ; ଏମ୍.ସି.ଆର୍. ମ୍ୟାଜିଷ୍ଟ୍ରେରିଆଲ ହେପାଜତ ରିମାଣ୍ଡ।

**ରିମାଣ୍ଡ ଷ୍ଟାଟସ୍ କିପରି ଜାଣିବେ :**

- କେସ୍ ଷ୍ଟାଟସ୍ କ୍ଲିକ୍ କରନ୍ତୁ
- ଜିଲ୍ଲା, ରାଜ୍ୟ ଚୟନ କରନ୍ତୁ
- ପ୍ରି- ଟ୍ରାୟଲ ବିକଳ୍ପ କ୍ଲିକ କରନ୍ତୁ
- କୋର୍ଟ କମ୍ପ୍ଲେକ୍ସ ଚୟନ କରନ୍ତୁ
- ପୋଲିସ ଷ୍ଟେସନ ଚୟନ କରନ୍ତୁ
- ଏଫ୍ .ଆଇ .ଆର୍ .ନମ୍ବର ଏବଂ ବର୍ଷ ପ୍ରବେଶ କରନ୍ତୁ
- ରିମାଣ୍ଡ ପାଇଁ ରେଡିଓ ବଟନ୍ ଚୟନ କରନ୍ତୁ
- 'ଗୋ' କ୍ଲିକ୍ କରନ୍ତୁ
- ସମୁଦାୟ କେସ୍ ସଂଖ୍ୟା କ୍ଲିକ୍ କରନ୍ତୁ
- ଏହା ରିମାଣ୍ଡ ର ସବିଶେଷ ବିବରଣୀ ପ୍ରଦର୍ଶିତ କରେ




**Remand Details**

| Sr.No | Accused Name | Type | Days | From Date |
|---|---|---|---|---|
| 1 | Kashish @ Kannu | PCR | 2 | 07/09/2020 |
| 2 | Kashish @ Kannu | MCR | 14 | 09/09/2020 |
| 3 | Kashish @ Kannu | MCR | 14 | 23/09/2020 |

## ୮.୯.୩ପ୍ରି-ଟ୍ରାୟଲ୍ ଆପ୍ଲିକେସନ୍ ଷ୍ଟାଟସ୍ କିପରି ଜାଣିବେ

ଏକ ଚୋରି ମାମଲାରେ ଯଦି ସମ୍ପତ୍ତି ପୁନରୁଦ୍ଧାର ହୁଏ ଏବଂ ସମ୍ପତ୍ତିର ମାଲିକ ପ୍ରି - ଟ୍ରାୟଲ ପର୍ଯ୍ୟାୟରେ ସମ୍ପତ୍ତିର ମଧ୍ୟବର୍ତ୍ତୀ କାଳୀନ ସଂରକ୍ଷଣ ପାଇଁ ଆବେଦନ କରନ୍ତି ତେବେ ସେହିପ୍ରକାର ପ୍ରି - ଟ୍ରାୟଲ୍ ଆବେଦନର ସ୍ଥିତି ମଧ୍ୟ ଏହି ବିକଳ୍ପ ଅଧୀନରେ ଯାଞ୍ଚ କରାଯାଇପାରିବ । ପ୍ରି- ଟ୍ରାୟଲ୍ ଆବେଦନର ସ୍ଥିତି ଜାଣିବା ପାଇଁ ନିମ୍ନରେ ଦେଖାଯାଇଥିବା ପରି ପଦକ୍ଷେପ ଅନୁସରଣ କରନ୍ତୁ ।

**ପ୍ରି- ଟ୍ରାୟଲ୍ ଆପ୍ଲିକେସନ୍ ଷ୍ଟାଟସ୍ କିପରି ଜାଣିବେ :**

- କେସ୍ ଷ୍ଟାଟସ୍ କ୍ଲିକ୍ କରନ୍ତୁ
- ରାଜ୍ୟ, ଜିଲ୍ଲା ଚୟନ କରନ୍ତୁ
- ପ୍ରି- ଟ୍ରାୟଲ ବିକଳ୍ପ କ୍ଲିକ କରନ୍ତୁ
- କୋର୍ଟ କମ୍ପ୍ଲେକ୍ସ ଚୟନ କରନ୍ତୁ
- ପୋଲିସ ଷ୍ଟେସନ ଚୟନ କରନ୍ତୁ
- ଏଫ୍.ଆଇ.ଆର୍.ନମ୍ବର ପ୍ରବେଶ କରନ୍ତୁ
- ବର୍ଷ ପ୍ରବେଶ କରନ୍ତୁ
- ଆପ୍ଲିକେସନ୍ରେଡିଓ ବଟନ୍ ଚୟନ କରନ୍ତୁ
- 'ଗୋ' କ୍ଲିକ୍ କରନ୍ତୁ
- କେସ୍ ର ସମୁଦାୟ ସଂଖ୍ୟା କ୍ଲିକ୍ କରନ୍ତୁ

ଏହା ଆପ୍ଲିକେସନ୍ ଷ୍ଟାଟସ୍ ପ୍ରଦର୍ଶନ କରିବ






## ୯. ଇ-କୋର୍ଟ୍ ମୋବାଇଲ୍ ଆପ୍ ମାଧମରେ କଜ୍ ଲିଷ୍ଟ ପାଇବା :

ମୋବାଇଲ୍ ଆପ୍ ରେ କଜ୍ ତାଲିକା ପାଇବା ଆଡଭୋକେଟ୍, ମକଦ୍ଦମାକାରୀ ଏବଂ ବିଚାରପତିଙ୍କ ପାଇଁ ଏକ ସମାନ ଉପଯୋଗୀ ବିକଳ୍ପ । ତିନି ପ୍ରକାର କଜ୍ ଲିଷ୍ଟ (୧) ସିଭିଲ୍ କଜ୍ ଲିଷ୍ଟ (୨) କ୍ରିମିନାଲ୍ କଜ୍ ଲିଷ୍ଟ (୩) ଆଡଭୋକେଟ୍ ଭିତ୍ତିକ କଜ୍ ଲିଷ୍ଟ, ଏ ସମସ୍ତ ଇ-କୋର୍ଟ୍ ମୋବାଇଲ୍ ଆପ୍ ଅଧୀନରେ ସୃଷ୍ଟି ହୋଇପାରିବ।

ସିଭିଲ୍ କଜ୍ ଲିଷ୍ଟ ଏବଂ କ୍ରିମିନାଲ୍ କଜ୍ ଲିଷ୍ଟ ଏହି କଜ୍ ଲିଷ୍ଟ ବିକଳ୍ପ ଅଧୀନରେ ଦେଖାଯାଇପାରିବ । ଆଡଭୋକେଟ୍ ଭିତ୍ତିକ କଜ୍ ଲିଷ୍ଟ କେସ୍ ଷ୍ଟାଟସ୍ ସନ୍ଧାନ ଅଧୀନରେ ଉପଲବ୍ଧ ଆଡଭୋକେଟ୍ ଅପ୍ସନ୍ ମାଧମରେ ଦେଖାଯାଇପାରିବ, ଯାହା "କେସ୍ ଷ୍ଟାଟସ୍ ବିକଳ୍ପ ବ୍ୟବହାର କରି ଖୋଜନ୍ତୁ" ପ୍ରସଙ୍ଗରେ ବ୍ୟାଖ୍ୟା କରାଯାଇଛି । କଜ୍ ଲିଷ୍ଟ ବିକଳ୍ପ ବ୍ୟବହାର କରି ଜଣେ ନିଶ୍ଚିତ କରିପାରିବେ ଯେ ତାଙ୍କ ମାମଲା ଏକ ନିର୍ଦ୍ଦିଷ୍ଟ ଦିନରେ ପୋଷ୍ଟ ହୋଇଛି କି ନ ହିଁ । ବିଚାରପତି, କର୍ମଚାରୀ, ଆଡଭୋକେଟ୍ ଙ୍କ ପାଇଁ ଏହା ଏକ ଉପଯୋଗୀ ସମୟ ପରିଚ ଳନା ଉପକରଣ ଯାହା ମାଧମରେ କୌଣସି ନିର୍ଦ୍ଦିଷ୍ଟ ଦିନରେ କେତେ ମାମଲା ତାଲିକାଭୁକ୍ତ ହୋଇଛି ତାହା ଜାଣିପାରିବେ ଏବଂ ଦିନର କାର୍ଯ୍ୟ ଯୋଜନା ହୋଇପାରିବ ଏବଂ ଏହି ତଥ୍ୟ ବର୍ତ୍ତମାନ ହ୍ୟାଣ୍ଡସେଟ ରେ ମୋବାଇଲ୍ ଆପ୍ ମାଧମ ରେ ଦେଖାଯାଇପାରିବ ।




୧-କଜ୍ ଲିଷ୍ଟ ଆଇକନ କ୍ଲିକ୍ କରନ୍ତୁ

୨-ରାଜ୍ୟ, ଜିଲ୍ଲା ଚୟନ କରନ୍ତୁ

୩-କୋର୍ଟ୍ କମ୍ପ୍ଲେକ୍ସ ଚୟନ କରନ୍ତୁ

୪-କୋର୍ଟ୍ ନାମ ଚୟନ କରନ୍ତୁ

୫- କ୍ୟାଲେଣ୍ଡର୍ ରୁ କଜ୍ ଲିଷ୍ଟ ତାରିଖ ଚୟନ କରନ୍ତୁ

୬- ସିଭିଲ୍ କିମ୍ବା କ୍ରିମିନାଲ୍ ଚୟନ କରନ୍ତୁ, ତା ପରେ ସିଭିଲ୍ / କ୍ରୀମିନାଲ୍ କଜ୍ ଲିଷ୍ଟ ପ୍ରଦର୍ଶିତ ହେବ ।

୭- ସର୍ଚ୍ଚ ବକ୍ସ ବ୍ୟବହାର କରି କଜ୍ ଲିଷ୍ଟ ରେ ନିର୍ଦ୍ଦିଷ୍ଟ ମାମଲା ମଧ ସନ୍ଧାନ କରି ହେବ ।

## ୧୦. ମୋ କେସ୍ ଅପ୍ସନ :




ମୋ କେସ୍ ଅପ୍ସନ ଆଡଭୋକେଟ୍ ଏବଂ ମକଦ୍ଦମାକାରୀଙ୍କ ପାଇଁ ସବୁଠାରୁ ଆକର୍ଷଣୀୟ ଏବଂ ଉପଯୋଗୀ ବିକଳ୍ପ ଅଟେ କାରଣ ଏହା ଏକ ଡିଜିଟାଲ ବ୍ୟକ୍ତିଗତ କେସ୍ ଡାଏରୀ ଭାବରେ କାର୍ଯ୍ୟ କରେ । ଏହା ଇ-କୋର୍ଟ୍ ଆପ୍ ରେ ଉପଲବ୍ଧ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ । ମୋ କେସ୍ ଅଧୀନରେ ମକଦ୍ଦମାକାରୀ କିମ୍ବା ଆଇନଜୀବୀ ତାଙ୍କ ମାମଲା ସଂରକ୍ଷଣ କରିପାରିବେ ଏବଂ ଆବଶ୍ୟକ ସମୟରେ ସବିଶେଷ ତଥ୍ୟ ଦେଖିପାରିବେ ।

## ୧୦.୧ ମୋ କେସ୍ ରେ କିପରି କେସ୍ ଯୋଡ଼ିବା :




ଆପଣ ଯଦି "ମୋ କେସ୍" ତାଲିକାରେ କେସ୍ ଯୋଡିବାକୁ ଚାହାଁନ୍ତି, ତେବେ ଏହି ଉପାୟ ଅନୁସରଣ କରନ୍ତୁ

**୧ମ ସୋପାନ:** ଇ-କୋର୍ଟ୍ ମୋବାଇଲ୍ ଆପ୍ ବ୍ୟବହାର କରି ମୋ କେସ୍ ରେ ଯୋଡିବାକୁ ଚାହୁଁଥିବା କେସ୍ ସନ୍ଧାନ କରନ୍ତୁ ।

**୨ୟ ସୋପାନ :** " ଆଡ଼ କେସ୍ " ବଟନ୍ ସର୍ଚ୍ଚ କେସ୍ ଇତିହାସର ଉପର ଡାହାଣ ପାର୍ଶ୍ୱରେ ପ୍ରଦର୍ଶିତ ହେବ, ଯେପରି ସ୍କ୍ରୀନ୍ ଶଟ୍ ରେ ଦେଖାଯାଇଛି ।

**୩ୟ ସୋପାନ :** " ଆଡ଼ କେସ୍ " କ୍ଲିକ୍ କରନ୍ତୁ ଯାହା ଆପ୍ ଣଙ୍କର "ମୋ କେସ୍ ତାଲିକା " ରେ କେସ୍ ଯୋଗ କରିବା ।

ଜଣେ ଆଡଭୋକେଟ୍ କିମ୍ବା ଆଡଭୋକେଟ୍ କ୍ଲର୍କ "ମୋ କେସ୍ " ରେ ସେମାନଙ୍କର ସମସ୍ତ ଅଫିସ କେସ୍ ଯୋଡ଼ିପାରିବେ ଏବଂ ସେମାନଙ୍କର ଅଫିସ କେସ୍ ର ଏକ ଡିଜିଟାଲ ଡାଏରୀ ପରିଚାଳନା କରିପାରିବେ ଏବଂ "ମୋ କେସ୍ " ଅପ୍ସନ ବ୍ୟବହାର କରି ମାମଲା ଗୁଡିକର ଅଦ୍ୟତନ ଏବଂ ସ୍ଥିତି ପାଇପାରିବେ । ଜଣେ ବରିଷ୍ଠ ଆଡଭୋକେଟ୍ ଗୁରୁତ୍ୱପୂର୍ଣ୍ଣ ମାମଲା ଗୁଡିକୁ ଏକାକୀ ଯୋଡ଼ିପାରିବେ ଏବଂ କନିଷ୍ଠ କିମ୍ବା ଆଡଭୋକେଟ୍ କ୍ଲର୍କଙ୍କ ସାହାଯ୍ୟ ବିନା କେସ୍ ସ୍ଥିତି ଉପରେ ନଜର ରଖିପାରିବେ ଏବଂ କେସ୍ ସ୍ଥିତି ୨୪ *୭ ଦେଖିପାରିବେ । ଜଣେ ମକଦ୍ଦମାକାରୀ ମଧ ତାଙ୍କର କେସ୍ ଗୁଡିକୁ ମୋ କେସ୍ ଅଧୀନରେ ଯୋଡି ପାରିବେ । ସେହିଭଳି ଓକିଲ, କୋର୍ଟ୍ ପୋଲିସ କନଷ୍ଟେବଳ, ଅନୁସନ୍ଧାନକାରୀ ଅଧିକାରୀ , ସରକାରୀ ଓକିଲ ମଧ ଏହି "ମୋ କେସ୍ " ତାଲିକା ବ୍ୟବହାର କରିପାରିବେ ଏବଂ ସେମାନଙ୍କ ଉପରେ ୨୪*୭ ନଜର ରଖିପାରିବେ ।

## ୧୦.୨. "ମୋ କେସ୍ " ରୁ କିପରି କେସ୍ ଅପସାରଣ କରିବେ :

"ମୋ କେସ୍ "ରୁ କେସ୍ ଅପସାରଣ କରିବାକୁ ଜଣେ ମୋ କେସ୍ ମାଧ୍ୟମରେ କେସ୍ ଖୋଲିବା ଉଚିତ୍, ତା 'ପରେ ସେହି କେସ୍ ସ୍କ୍ରୀନଶଟରେ ଦେଖାଯାଇଥିବା ପରି ଡାହାଣ ଉପରପାର୍ଶ୍ୱରେ "ରିମୁଭ କେସ୍ " ଅପ୍ସନ ପ୍ରଦର୍ଶିତ କରିବ । ଯଦି ରିମୁଭ କେସ୍ ବିକଳ୍ପକୁ କ୍ଲିକ୍ କରାଯାଏ, ଏହା କେସ୍ ତାଲିକାରୁ କେସ୍ କୁ ଅପସାରଣ କରିବ।




## ୧୦.୩. ମୋ କେସ୍ ରେ ଖୋଜିବା :




ଯେତେବେଳେ "ମୋ କେସ୍ " ଅଧୀନରେ ଜଣଙ୍କର ଅନେକ ମାମଲା ରହିଛି, ଏହା "ମୋ କେସ୍ " ମଧ୍ୟରେ ଉପଲବ୍ଧ ସର୍ଚ୍ଚ ଅପ୍ସନ ବ୍ୟବହାର କରି ସନ୍ଧାନ କରାଯାଇପାରିବ । ସ୍କ୍ରୀନଶଟରେ ଦେଖାଯାଇଥିବା ପରି ସର୍ଚ୍ଚ ଟ୍ୟାବରେ ଟାଇପ କରି ନାମ ଅନୁଯାୟୀ, ନମ୍ବର ଅନୁଯାୟୀ ଆପଣ ନିଜ କେସ୍ ରେ ସନ୍ଧାନ କରିପାରିବେ ।

## ୧୦.୪. ରିଫ୍ରେଶ୍ ବଟନ୍ :




ରିଫ୍ରେଶ୍ ବଟନ୍ କ୍ଲିକ୍ କଲେ "ମୋ କେସ୍ " ଅପଡେଟ୍ ହେବ । ମୋ କେସ୍ ଅଧୀନରେ ରହିଥିବା ସୂଚନାକୁ ଅପଡେଟ୍ କରିବାକୁ ଆଜିର କେସ୍ ନିକଟରେ ରିଫ୍ରେଶ୍ ବଟନ୍ ଦିଆଯାଇଛି । ଯଦି କୌଣସି ସଂଯୋଗ ସମସ୍ୟା ହେତୁ କୌଣସି ମାମଲା ଅପଡେଟ୍ କିମ୍ବା ରିଫ୍ରେଶ୍ (ସତେଜ ) ହୋଇନଥାଏ, ଆପ୍ ଏହି ସୂଚନାକୁ "ସଂଯୋଗ ତ୍ରୁଟି " ଭାବରେ ଦର୍ଶାଇବ ।

### ୧୦.୫.ମୋ କେସ୍- ତାରିଖ ଅନୁଯାୟୀ / ଜିଲ୍ଲା ଅନୁଯାୟୀ ପ୍ରଦର୍ଶନ ବିକଳ୍ପ :

ତାରିଖ ଏବଂ ଜିଲ୍ଲା ଅନୁଯାୟୀ ମୋ କେସ୍ ପ୍ରଦର୍ଶନ ସହିତ ଇ -କୋର୍ଟ୍ ମୋବାଇଲ୍ ଆପ୍ ର ଅପଡେଟ୍ ସଂସ୍କରଣ ଆସିଛି । ଉଦାହରଣସ୍ୱରୂପ ଯେତେବେଳେ ଆପଣ ତାରିଖ ଅନୁଯାୟୀ ବିକଳ୍ପ କ୍ଲିକ୍ କରିବେ , ଏହା ତାରିଖ ଅନୁଯାୟୀ ସମସ୍ତ ମାମଲା ପ୍ରଦର୍ଶନ କରିବ । ଏହା ସେମାନଙ୍କର ମାମଲାର ଏକ ଡିଜିଟାଲ ଡାଏରୀ ପରି ଜଣେ ଆଡଭୋକେଟ୍ କିମ୍ବା ଆଡଭୋକେଟ୍ କ୍ଲର୍କ ଙ୍କ ପାଇଁ ସହଜ ହେବ । ସେହିଭଳି ଜିଲ୍ଲା ଅନୁଯାୟୀ ଦେଖିବା ମଧ୍ୟ ଉପଲବ୍ଧ । ତାରିଖ ଅନୁଯାୟୀ ଏବଂ ଜିଲ୍ଲା ଅନୁଯାୟୀର ସ୍କ୍ରୀନଶଟ ଏଠାରେ ପ୍ରଦର୍ଶିତ ହୋଇଛି ଏବଂ ଯେତେବେଳେ କେସ୍ ନମ୍ବର କ୍ଲିକ୍ ହେବ, ଏହା ପୁଣି ମୋ କେସ୍ ମଧ୍ୟରେ କେସ୍ ସର୍ଚ୍ଚ ଅପ୍ସନର ପୁରା କେସ୍ ଇତିହାସ ଖୋଲିବ ।



## ୧୦.୬-କ୍ୟାଲେଣ୍ଡର:




କ୍ୟାଲେଣ୍ଡର ଫର୍ମାଟ ରେ "ମାଇଁ କେସ୍" ଅଧୀନରେ ଗଚ୍ଛିତ କେସ୍ ସବୁ  କ୍ୟାଲେଣ୍ଡର ଫର୍ମାଟ ରେ ଦେଖିପାରିବେ । ଏହା ବିଚାରାଧୀନ କେସ୍ ର ସଂଖ୍ୟା ତାରିଖ ଦ୍ୱାରା ଦର୍ଶାଇଥାଏ । ତାରିଖ ରେ ସଂଖ୍ୟା କ୍ଲିକ୍ କଲେ, ଏହା ଜିଲ୍ଲା ସ୍ତରୀୟ ବିଚାରାଧୀନ ମାମଲାର ସବିଶେଷ ତଥ୍ୟ ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ - ସେପ୍ଟେମ୍ବର ୪ ତାରିଖରେ ୩ ଟି କେସ୍ କ୍ୟାଲେଣ୍ଡର ରେ ଦର୍ଶାଉଛି ଏବଂ ଯଦି କ୍ଲିକ୍ କରନ୍ତି, ତେବେ




ତାହା ସେହି ଜିଲ୍ଲା ଭିତ୍ତିକ ୩ ଟି ବିଚାରାଧୀନ ମାମଲା କୁ ଦର୍ଶାଇବ । ଏହା ଏହିପରି ଭାବରେ ଦର୍ଶାଇଛି - ଅହମଦାବାଦ , ଗୁଜୁରାଟ (୧); ବାରପେଟା - ଆସାମ  (୧) ଭାବନଗର, ଗୁଜୁରାଟ  (୧) ଅହମଦାବାଦ, ଗୁଜୁରାଟ ଉପରେ କ୍ଲିକ୍ କଲେ  (୧) ଏହା କେସ୍ ବିଷୟରେ ସବିଶେଷ ତଥ୍ୟକୁ ଖୋଲିବ ଯାହା ଏଠାରେ ସ୍କ୍ରୀନଶଟ ଦ୍ୱାରା ଦର୍ଶାଯାଇଛି ।

## ୧୧. ବ୍ଯାକଅପ୍ ସୁବିଧା:




ଇ-ନୋଟିସ ମୋବାଇଲ୍ ଏକ  ବ୍ୟାକଅପ୍ ସୁବିଧା ପ୍ରଦାନ କରେ ଯାହା ଇ - କୋର୍ଟ୍ ଆପ୍ ରୁ ଖୋଜାଯାଇଥିବା ବୈଶିଷ୍ଟ୍ୟ ଅଟେ । ରପ୍ତାନି ଏବଂ ଆମଦାନୀ ବିକଳ୍ପ ଅଧୀନରେ ମୋବାଇଲ୍ ଡିଭାଇସ ରେ ସଞ୍ଚିତ ମାମଲ  ।ଗୁଡିକରେ ବ୍ଯାକଅପ୍ କରିପାରିବେ । ଯଦି ଆପଣ ଆପ୍ ଣଙ୍କର ମୋବାଇଲ୍ ଆପ୍ ରେ ଅନେକ ମାମଲା ସଞ୍ଚୟ କରିଛନ୍ତି ଏବଂ ଯଦି ଆପଣ ଏକ ନୂତନ ମୋବାଇଲ୍ ଫୋନ ପାଇଛନ୍ତି ତେବେ ଏହି ରପ୍ତାନି ଏବଂ ଆମଦାନୀ ର ବିକଳ୍ପକୁ ବ୍ୟବହାର କରାଯାଇପାରିବ ଏବଂ ଅତ୍ୟାଧୁନିକ ମୋବାଇଲ୍ ଫୋନରେ ଡାଉନଲୋଡ ହୋଇପାରିବ । ମେନ୍ୟୁ ବଟନ୍ କ୍ଲିକ୍ କଲେ ବ୍ଯାକଅପ୍ ବିକଳ୍ପ ଉପଲବ୍ଧ ହୁଏ । ଯେତେବେଳେ ତୁମେ ଉକ୍ତ ମେନ୍ୟୁ ବଟନ୍ କୁ କ୍ଲିକ୍ କରିବେ, ଆମଦାନୀ ଏବଂ ରପ୍ତାନି ର ବିକଳ୍ପ ଗୁଡିକ ମେନ୍ୟୁ ମାଧ୍ୟମରେ ଉପଲବ୍ଧ ହୁଏ ଯାହା ପ୍ରସ୍ତୁତ ରେଫରେନ୍ସ ପାଇଁ ସ୍କ୍ରୀନଶଟ ରେ ପ୍ରଦର୍ଶିତ ହୁଏ । ଥରେ ରପ୍ତାନି ବଦଳାଇବା ଏବଂ ମୋବାଇଲ୍ କିମ୍ବା ଗୁଗୁଲ୍ ଡ୍ରାଇଭ୍ ରେ କିମ୍ବା ନିୟମିତ ଇମେଲ ରେ ତଥ୍ୟ ରଖିବା ଏକାନ୍ତ ଆବଶ୍ୟକ । କେବଳ ଯେତେବେଳେ,  ତୁମର ଡାଟା ରପ୍ତାନି ହୁଏ   , ସେତେବେଳେ ଆବଶ୍ୟକ ସମୟରେ ଏହା ଆମଦାନୀ ହୋଇପାରିବ । ଉଦାହରଣ ସ୍ୱରୂପ - ମୋବାଇଲ୍ ଫୋନ ବଦଳାଇବା ସମୟରେ କିମ୍ବା ଆକସ୍ମିକ ତଥ୍ୟ ନଷ୍ଟ ହେବା ଆମଦାନୀ ପାଇଁ

ବ୍ଯବହୃତ ହୁଏ । ଯେ, ପର୍ଯ୍ୟନ୍ତ ଆପଣ ଆପ୍ ଶଙ୍କର ତଥ୍ୟ ରପ୍ତାନି କରିନାହାନ୍ତି ଆପଣ ଏହାକୁ ଆମଦାନୀ ପାଇଁ ବ୍ୟବହାର କରିପାରିବେ ନାହିଁ ।

## ୧୧.୧. ରପ୍ତାନି ବିକଳ୍ପ :




ମୋବାଇଲ୍ ଆପ୍ ରେ ଥିବା ମେନ୍ୟୁ ତାଲିକାରେ ରପ୍ତାନି ବିକଳ୍ପ ଉପଲବ୍ଧ । ଯେତେବେଳେ ରପ୍ତାନି ବିକଳ୍ପ କ୍ଲିକ୍ ହେବ, ଫାଇଲ ଗୁଡିକ କେଉଁଠାରେ ରପ୍ତାନି କରାଯିବ ତାହା ପଚାରିବା ଆପଣ ଇ-ମେଲ ମାଧ୍ୟମରେ ଆପ୍ ଶଙ୍କର ଫାଇଲ ଗୁଡିକ ରପ୍ତାନି କିମ୍ବା ଅଂଶୀଦାର କରିପାରିବେ। କିମ୍ବା ଗୁଗୁଲ୍ ଡ୍ରାଇଭ୍ରେ ଷ୍ଟୋର କରିପାରିବେ କିମ୍ବା ଫୋନରେ ନିଜେ ଷ୍ଟୋର କରିପାରିବେ । ଗୁଗୁଲ୍ ଡ୍ରାଇଭ୍ ପାଇଁ ଗଚ୍ଛିତ କରିବା ବେଳେ । ଆପଣ ଗୁଗୁଲ୍ ରୁ ସୁରକ୍ଷା ପ୍ରଶ୍ନ ପଚାରିପାରନ୍ତି ଏବଂ ଆପଣ ଆଡମିଟ୍, ମେନ୍ୟୁକୁ କ୍ଲିକ୍ କରିପାରିବେ, ଯେଉଁଠାରେ ବ୍ଯାକଅପ୍ ର ସୁବିଧା ଗୁଗୁଲ୍ ଡ୍ରାଇଭ୍ ରେ ଗଚ୍ଛିତ ହେବ । ଯେତେବେଳେ ଆବଶ୍ୟକ ହୁଏ , ଗୁଗୁଲ୍ ଡ୍ରାଇଭ୍ ରୁ ବ୍ଯାକଅପ୍ ଜରିଆରେ ବାହାର କରାଯାଇପାରିବ । ଫାଇଲ ଗୁଡିକ ରପ୍ତାନି ପାଇଁ କୁହାଯାଇଥିବା ତିନୋଟି ବିକଳ୍ପ ଯଥା (୧) ଇ-ମେଲ ସହିତ ଅଂଶୀଦାର ; (୨) ଡ୍ରାଇଭ୍ (ଗୁଗୁଲ୍ ) କୁ ସେଭ୍ କରନ୍ତୁ ; (୩) ଏହି ଡିଭାଇସ ରେ ସେଭ୍ କରନ୍ତୁ , ଯଥା, ମୋବାଇଲ୍ ଫୋନରେ ସେଭ୍ଲୁ ସହଜ ଭାବରେ ବୁଝିବା ପାଇଁ ସ୍କ୍ରୀନଶଟ ମାଧ୍ୟମରେ ମଧ ଦେଖାଯାଇପାରେ । ତିନୋଟି ବିକଳ୍ପ ମଧ୍ୟରେ ଯେକୌଣସି ଗୋଟିଏ ବିକଳ୍ପକୁ ବ୍ୟବହାର କରି , ଆପଣ, ଆପ୍ ଶଙ୍କର ମୋବାଇଲ୍ ଆପ୍ଲିକେସନ୍ ର ସଂରକ୍ଷିତ ତଥ୍ୟକୁ ରପ୍ତାନି କରିପାରିବେ ଏବଂ ଏହାକୁ ଟେକ୍ସଟ ଫାଇଲ ଫର୍ମାଟ ରେ ସେଭ୍ କରିପାରିବେ । ଥରେ, ରପ୍ତାନି ସରିବା ପରେ, ଆପଣ ଏଠାରେ ଦେଖାଯାଇଥିବା ପରି ମୋବାଇଲ୍ ରେ ଏକ ଆଲର୍ଟ "ସଫଳତାର ସହିତ ସଞ୍ଚୟ " ହେଲା ବୋଲି ଏକ ସନ୍ଦେଶ ପାଇବେ । ମୋବାଇଲ୍ ଷ୍ଟୋରେଜରୁ ଉକ୍ତ ଟେକ୍ସଟ୍ ଫାଇଲ ବାହାର କରାଯାଇପାରିବ ।

## ୧୧.୨. ଆମଦାନୀ ବିକଳ୍ପ :

ଇ-କୋର୍ଟ୍ ମୋବାଇଲ୍ ଆପ୍ ବ୍ୟବହାରୀଙ୍କ ଦ୍ୱାରା ଆମଦାନୀ ବିକଳ୍ପ ହେଉଛି ବହୁ ଖୋଜାଯାଇଥିବା ବୈଶିଷ୍ଟ୍ୟ । ଯଦି ଆପଣ ନିଜ ଫୋନ ପରିବର୍ତ୍ତନ କରିବାକୁ ଯାଉଛନ୍ତି ତେବେ କ 'ଣ କରିବେ ? କିମ୍ବା ଯେତେବେଳେ ଆପ୍ ଣଙ୍କର ଫୋନ ଡାଟା କ୍ରାସ୍ / ନଷ୍ଟ ହୋଇଯାଏ । ତେବେ ଏହି ଆମଦାନୀ ବିକଳ୍ପ ଲାଭଦାୟକ ଅଟେ, ଆପଣ ଏହି ଆମଦାନୀ ବିକଳ୍ପକୁ ବ୍ୟବହାର କରି ପାରିବେ ଏବଂ ଆପ୍ ଣଙ୍କର ନୂତନ ଫୋନ୍ ରେ ବ୍ୟାକଅପ୍ ଡାଟା ପାଇପାରିବେ, ଯେତେବେଳେ ଭୁଲ ଭାବରେ ଡାଟା ଡିଲିଟ୍ ହୁଏ, ଜଣେ ଆମଦାନୀ ବିକଳ୍ପ କୁ ବ୍ୟବହାର କରି ତଥ୍ୟକୁ ପୁନଃରୁଦ୍ଧାର କରି ପାରିବେ । ଆପଣ ଆମଦାନୀ ଆଇକନ୍ କୁ କ୍ଲିକ୍ / ଦବାଇ ପାରିବେ ଏବଂ ଦୁଇଟି ବିକଳ୍ପରୁ ତଥ୍ୟ ଆମଦାନୀ କରିପାରିବେ -




(i) ଡ୍ରାଇଭ୍ ରୁ ଆମଦାନୀ ଏବଂ

(ii) ଏହି ଉପକରଣରୁ ଆମଦାନୀ କରନ୍ତୁ ।

" ଆମଦାନୀରୁ " ତଳେ ଦୁଇଟି ଅପ୍ସନ୍ ଦେଖାଇ ସ୍କ୍ରୀନଶଟ ଗୁଡିକ ଏଠାରେ ଯୋଡି ହୋଇଗଲା । ଏହା ପରାମର୍ଶଦାୟକ ଯେ ,ଅତ୍ୟନ୍ତ ପକ୍ଷେ ଆପଣ ଗୁଗୁଲ୍ ଡ୍ରାଇଭ୍ରୁ ବ୍ୟାକଅପ୍ ଡାଟା ଆମଦାନୀ କଲେ , ଗୁଗୁଲ୍ ଡ୍ରାଇଭ୍ ଅନୁମତି ମାଗିବେ ଏବଂ ଆପଣ ଡାଟା ଆମଦାନୀ କରିବାକୁ ବଟନ୍ ଅନୁମତି କ୍ଲିକ୍ କରିପାରିବେ, ଉକ୍ତ ସ୍କ୍ରୀନଶଟ ମଧ୍ୟ ଏଠାରେ ଆବଦ୍ଧ । ଥରେ ଆମଦାନୀ ବିକଳ୍ପ ସମାପ୍ତ ହୋଇଗଲେ , ଆପଣ ସଫଳତାର ସହ ଆମଦାନୀ ହୋଇଥିବା ମାମଲା, 'ଆଲର୍ଟ ' ବାର୍ତ୍ତା ପାଇବେ । ଏହିପରି, ଆପଣ ଆମଦାନୀ ବିକଳ୍ପ ବ୍ୟବହାର କରି ପାରିବେ ଏବଂ ଆପ୍ ଣଙ୍କର ନୂତନ ମୋବାଇଲ୍ ଫୋନରେ ବ୍ୟାକଅପ୍ ଡାଟା ପାଇପାରିବେ କିମ୍ବା ଆପ୍ ଣଙ୍କର ପୁରୁଣା ମୋବାଇଲ୍ ଫୋନରୁ ବ୍ୟାକଅପ୍ ଡାଟା ପୁନଃ ସ୍ଥାପନ କରିପାରିବେ ।

## ୧୨. QR କୋଡ୍ ମାଧ୍ୟମରେ କେସ୍ ସ୍ଥିତି ଜାଣିବା :

ଇ-କୋର୍ଟ୍ସ ସର୍ଭିସେସ୍ ମୋବାଇଲ୍ ଆପ୍ ବ୍ୟବହାର କରିବା ବେଳେ କେସ୍ ର ସ୍ଥିତି ପାଇବା କିମ୍ବା କେସ୍ ର ଅପଡେଟ ପାଇବାକୁ ଚାହୁଁଥିବା ସମୟରେ କେସ୍ ସଂଖ୍ୟା ଟାଇପ୍ କରିବା ପାଇଁ କେସ୍ ନମ୍ବର ରେକର୍ଡ (ସି ଏନ୍ ଆର ) ନମ୍ବର ଟାଇପ କରିବା କଷ୍ଟକର ହୋଇପାରେ । ଇ -କୋର୍ଟ୍ସ ମୋବାଇଲ୍ ଆପ୍ ରେ QR କୋଡ୍ କୁ ସ୍କାନ ବିକଳ୍ପ ମାଧ୍ୟମରେ ବ୍ୟବହାର କରି କେସ୍ ବିବରଣୀ ପାଇବା ପାଇଁ ଆଉ ଏକ ସହଜ ଉପାୟ ଅଛି ।

### ୧୨.୧.ପଦାଙ୍କ ୧ - ଆପଣଙ୍କ କେସ୍ ର QR କୋଡ୍ ପାଇବା ପାଇଁ :

ଇ-କୋର୍ଟ୍ସ ସେବା ମୋବାଇଲ୍ ଆପ୍ଲିକେସନ୍ସରୁ ଇତିହାସ ଅନୁଯାୟୀ ଆପଣଙ୍କ କେସ୍ ପାଇଁ QR କୋଡ୍ ପାଆନ୍ତୁ କିମ୍ବା ଇ-କୋର୍ଟ୍ସ ସେବା ୱେବସାଇଟ୍ http://ecourt.gov.in ରୁ କେସ୍ ଇତିହାସ ଅଧୀନରେ ଆପଣଙ୍କ କେସ୍ ପାଇଁ QR କୋଡ୍ ପାଆନ୍ତୁ ।

### ୧୨.୨.ପଦାଙ୍କ ୨- QR କୋଡ୍ ରୁ ଏକ ପ୍ରିଣ୍ଟ ବାହାର କରନ୍ତୁ ଏବଂ କେସ୍ ଫାଇଲ୍ ରେ ପେଷ୍ଟ / ଲେପନ କରନ୍ତୁ

QR କୋଡ୍ ରୁ ଏକ ପ୍ରିଣ୍ଟ ବାହାର କରନ୍ତୁ ଏବଂ କେସ୍ ଫାଇଲ୍ ରେ ପେଷ୍ଟ / ଲେପନ କରନ୍ତୁ ।




### ୧୨.୩.ପଦାଙ୍କ ୩- QR କୋଡ୍ କୁ ସ୍କାନ କରନ୍ତୁ :

ଇ-କୋର୍ଟ୍ସ ମୋବାଇଲ୍ ଆପ୍ ରେ ନିର୍ମିତ, "ସ୍କାନ QR କୋଡ୍ " ଅପ୍ସନ (ବିକଳ୍ପ ) ବ୍ୟବହାର କରି ଜଣେ କେସ୍ ଫାଇଲ୍ ରେ ଲେପନ ହୋଇଥିବା QR କୋଡ୍ ସ୍କାନ କରି ପାରିବ ଯାହା ତୁରନ୍ତ କେସ୍ ସ୍ଥିତି ଦେଖାଇବ । ଏହି QR କୋଡ୍ ସ୍କାନ ଆଡଭୋକେଟ୍ ଅଫିସ୍ ଏବଂ ବହୁ ସଂଖ୍ୟକ ମାମଲା ଥିବା କମ୍ପାନୀ ସରକାରୀ ଅନୁଷ୍ଠାନ ପାଇଁ ଲାଭଦାୟକ ହୋଇପାରେ । ସେମାନେ QR କୋଡ୍ ରୁ ପ୍ରିଣ୍ଟ ବ୍ୟବହାର କରି ଏହାକୁ ନିଜ କେସ୍ ଫାଇଲ୍ ରେ ଲେପନ କରିପାରିବେ ଏବଂ ମୋବାଇଲ୍ ଆପ୍ - ସ୍କାନ QR କୋଡ୍ ବିକଳ୍ପ ସହିତ ସ୍କାନ କରିପାରିବେ ଏବଂ ସମସ୍ତ ପଏଣ୍ଟ କୁ ଗୋଟିଏ ପରେ ଗୋଟିଏ ଦାଖଲ ନକରି ତୁରନ୍ତ ମାମଲା ର ବିବରଣୀ ପାଇପାରିବେ ।

## ୧୩. ଇଣ୍ଟରନେଟ୍ ନଥିବା ସ୍ଥାନରେ, ବାର୍ତ୍ତା (SMS), ମାଧମ ରେ କେସ୍ ସ୍ଥିତି ଜାଣନ୍ତୁ :




ଆମ ଦେଶରେ, ୫୦ ପ୍ରତିଶତ ରୁ ଅଧିକ ଲୋକଙ୍କ ପାଖରେ ଇଣ୍ଟରନେଟ୍ ବ୍ୟବହାର କରିବାର ସୁବିଧା ନ ।ହିଁ । ଇ-କମିଟି ର ଚେୟାରମ୍ୟାନ୍ ଙ୍କ ଦ୍ୱାରା କୁହାଯାଇଛି ଯେ, ବୈଷୟିକ ବିଭାଜନକୁ ଅଟକାଇବା ପାଇଁ ଆମକୁ ଏକ ଅନ୍ତର୍ଭୁକ୍ତ ପ୍ରଣାଳୀର ଆବଶ୍ୟକତା ଅଛି ଏବଂ ଏହି ସେବା ହେଉଛି ଏପରି ଏକ ବୈଶିଷ୍ଟ୍ୟ ଯାହା ଇଣ୍ଟରନେଟ୍ ବ୍ୟବହାର ନ କରୁଥିବା ଲୋକଙ୍କ ଅବଶ୍ୟକତାରୁ ପୂରଣ କରିଥାଏ । ଯେତେବେଳେ ଆପଣଙ୍କର ଇଣ୍ଟରନେଟ୍ ସଂଯୋଗ ନ ହିଁ, ତେବେ ନିମ୍ନଲିଖିତ ଠିକଣା ଆଧାରରେ କେସ୍ ର ସ୍ଥିତି ଜାଣିପାରିବେ - SMS e-Courts < SPACE > < YOUR CNR NUMBER > to 9766899899.

## ୧୪. ଇ-କୋର୍ଟ୍ସ ସ୍ୱୟଂଚାଳିତ ଇ-ମେଲ୍ ସେବା ମାଧ୍ୟମରେ କେସ୍ ସ୍ଥିତି ଜାଣନ୍ତୁ :

ଯଦିଓ ସ୍ୱୟଂଚାଳିତ ଇ-ମେଲ୍ ସେବାଗୁଡିକର ସେବା ଇ -କୋର୍ଟ୍ ମୋବାଇଲ୍ ଆପ୍ ପାଇଁ ଅପ୍ର ାସଙ୍ଗିକ ହୁଏ, ତେବେ ଏହା ଏକ ସମ୍ବନ୍ଧୀୟ ବୈଶିଷ୍ଟ୍ୟ ଯାହା ଆପଣଙ୍କର ମୋବାଇଲ୍ ଫୋନରେ ଇ -ମେଲ୍ ଯାଞ୍ଚ କରିବାର ଅଭ୍ୟାସରେ ଥିଲେ , ଆପଣଙ୍କ ମୋବାଇଲ୍ ଫୋନରେ ପ୍ରବେଶ କରାଯାଇପାରିବ । ଇ -କୋର୍ଟ୍ସ ସ୍ୱୟ ଂଚାଳିତ ଇ -ମେଲ୍ ସେବା ମାଧ୍ୟମରେ କେସ୍ ସ୍ଥିତି ପାଇବା ପାଇଁ, ଇ -କୋର୍ଟ୍ସ ପ୍ରୋଜେକ୍ଟ ମକଦ୍ଦମାକାରୀ ଏବଂ ଆଡଭୋକେଟ୍ ଙ୍କୁ ଇ -ମେଲ୍ ପଠାଇବା ଆରମ୍ଭ କରିଛି ଯାହା ନିକଟରେ ଆରମ୍ଭ ହୋଇଥିବା ସ୍ୱୟ ଂଚାଳିତ ଇ -ମେଲ୍ ସେବା ମାଧ୍ୟମରେ ପଞ୍ଜୀକୃତ ଉପଭୋକ୍ତାମାନେ ତାଙ୍କ କେସ୍ ଅପଡେଟ୍, ପରବର୍ତ୍ତୀ ଶୁଣାଣି ତାରିଖ, ଅର୍ଡର କପି ଏବଂ ବିଚାର ଏବଂ କାରଣ ଦର୍ଶାଅ ତାଲିକା ପାଇପାରିବେ । ଏହି ଆକର୍ଷଣୀୟ ସ୍ୱୟଂଚାଳିତ ଇ -ମେଲ୍ ସେବାକୁ ସକ୍ରିୟ କରିବାକୁ, ମକଦ୍ଦମାକାରୀ ଏବଂ ଓକିଲ ମାନଙ୍କୁ ସେମାନଙ୍କ ଇ-ମେଲ୍ କୁ ସମ୍ପୃକ୍ତ କୋର୍ଟ୍ ରେ ପଞ୍ଜୀକୃତ କରିବାକୁ ପଡିବ । ଏବେ ସେ ଦିନ ଦୂର ନୁହେଁ, ଯେଉଁ ଦିନ ଜଣେ ତାଙ୍କ ଘରେ ଆରାମରେ କୋର୍ଟ୍ ର ସମସ୍ତ ପ୍ରମାଣିକୃତ ନକଲ ପାଇପାରିବେ ।


Cause List Status 02-04-2018 07:16:28 Inbox

eCourts
to me
2 days ago View details

Dear registered user, Greetings from http://ecourts.gov.in online unified platorm to get case related information pending or disposed in Taluka and District Courts in India.

**Below mentioned cases are listed on 02-04-2018.**
CNR No : TNTI160008782017
Case No. : HMOP/107/2017
Parties : vadivel Vs keerthiga
Court: Tmt.R.Arulmozhiselvi, M.L.,, Subordinate Judge, Avinashi ,Sub Court,Avinashi
Stage:LOK ADALAT

You can view Judgment / order by visiting http://ecourts.gov.in

Regards

This automated email generated from system. Please do not reply this

## ୧୫. କୋର୍ଟ୍ କମ୍ପ୍ଲେକ୍ସ ଲୋକେଟ୍ ର :




ଏକ ନୂତନ ବିକଳ୍ପ ଇ-କୋର୍ଟ୍ ମୋବାଇଲ୍ ଆପ୍ଲିକେସ୍ ନ୍ ରେ କୋର୍ଟ୍ କମ୍ପ୍ଲେକ୍ସ ଲୋକେଟର ଯୋଡ଼ାଯାଇଛି ଯାହା, ମକଦ୍ଦମାକାରୀ ଙ୍କ ପାଇଁ ଏକ ସହଜ ଉପକରଣ । ଯଦି ଜଣେ ମକଦ୍ଦମାକାରୀ ଦୂର ଦୂରାନ୍ତରୁ ଏକ ସମନ ଗ୍ରହଣ କରନ୍ତି ଏବଂ କୋର୍ଟ୍ ର ଅବସ୍ଥାନ ବିଷୟରେ ଜାଣି ନାହାନ୍ତି । ତେବେ ସେ କୋର୍ଟ୍ କମ୍ପ୍ଲେକ୍ସ ଲୋକେଟର କୁ ବ୍ୟବହାର କରିପାରିବେ ଏବଂ ମାନଚିତ୍ରରେ କୋର୍ଟ୍ ର ସ୍ଥାନ ଖୋଜି ପାରିବେ ଏବଂ ସେ ଏହି କୋର୍ଟ୍ କମ୍ପ୍ଲେକ୍ସ ଲୋକେଟ୍ ର ବିକଳ୍ପ କୁ ବ୍ୟବହାର କରି କୋର୍ଟ୍ ରେ ପହଞ୍ଚି ପାରିବେ । ଏହି କୋର୍ଟ୍ କମ୍ପ୍ଲେକ୍ସ ଲୋକେଟ୍ ର ଆମର ଇଣ୍ଡିଆନ ମ୍ୟାପିଂ ଆପ୍ BHUVAN' ରେ କାମ କରେ ଏବଂ କୋଏମ୍ବାଟୁର କୋର୍ଟ୍ ର ସର୍ଚ୍ଚ ସ୍କ୍ରୀନ୍ ଶଟ୍ କୁ ଏଠାରେ ଦର୍ଶାଯାଇଛି ।

## ୧୬. ଇ-କୋର୍ଟ୍ ମୋବାଇଲ୍ ଆପ୍ ରେ ଦିଆଯାଇଥିବା ବିଭିନ୍ନ ଲିଙ୍କ୍ :

ଇ-କୋର୍ଟ୍ ମୋବାଇଲ୍ ଆପ୍ ଅଧୀନରେ ଇ -କୋର୍ଟ୍ ସେବା ଗୁଡିକର ଗୁରୁତ୍ୱପୂର୍ଣ୍ଣ ଲିଙ୍କ୍ ମାନ ପ୍ରଦାନ କରାଯାଇଛି । ନିମ୍ନଲିଖିତ ଲିଙ୍କ୍ ଆଧାରରେ ଜଣେ ଏହାକୁ ବ୍ୟବହାର କରିପାରିବେ ।

- ଇ-ପେ
- ଏନ୍ ଯେ ଡି ଜି
- ଇ-ଫାଇଲିଂ
- ଇଣ୍ଡିଆ କୋର୍ଡ
- ଓକିଲ ମାନଙ୍କ ପାଇଁ ଫର୍ମ
- ଭର୍ଚୁଆଲ ଅଦାଲତ




ଏହି ସମସ୍ତ ଲିଙ୍କ୍ ଗୁଡିକ ଇ-କୋର୍ଟ୍ସ ସେବା ୱେବସାଇଟ୍ ଅଧୀନରେ ଉପଲବ୍ଧ । ଉଦାହରଣ ସ୍ୱରୂପ , ଯଦି ଜଣେ ଚାହାଁନ୍ତି ଅନ୍ ଲାଇନ୍ ଜୋରିମାନା ଦେବାକୁ, ଆପଣ ସିଧାସଳଖ କରି ପାରିବେ । ମୋବାଇଲ୍ ରୁ ଭର୍ଚୁଆଲ କୋର୍ଟ୍ ପୋର୍ଟାଲ କୁ ବ୍ୟବହାର କରନ୍ତୁ । କୋର୍ଟ୍ କୁ ନଯାଇ ଜରିମାନା ମଧ ଦିଅନ୍ତୁ । ତେଣୁ ଏହି ଲିଙ୍କ୍ ଗୁଡିକ ବାସ୍ତବ ଭାବରେ ବ୍ଯବହୃତ ହୋଇପାରିବ ।

## ୧୭. ଇ-କୋର୍ଟ୍ସ ମୋବାଇଲ୍ ଆପ୍ ରେ ଇ-ଦେୟ ଲିଙ୍କ୍ :




ଯେତେବେଳେ ଆପଣ ଇ-ଦେୟ ବିକଳ୍ପକୁ ବାଛିବେ / ବାଛନ୍ତି, ଏହା ଆପଣଙ୍କୁ http://pay.ecourts.gov.in ୱେବସାଇଟକୁ ନେଇଯିବ ଯେଉଁଠାରେ ଆପଣ କୋର୍ଟ ଦେୟ, ନ୍ୟାୟିକଜମା, ଜରିମାନା ଏବଂ ଦଣ୍ଡ ଇତ୍ୟାଦିକୁ ଡିଜିଟାଲ ଦେୟ ମାଧ୍ୟମରେ ପଇଠ କରିପାରିବେ । ଆପଣ ଡିଜିଟାଲ ଦେୟ ସବୁ ଆପଣଙ୍କ ସିଏନ୍ଆର୍ ନମ୍ବର, କେସ୍ ନମ୍ବର ଏବଂ ମୋବାଇଲ୍ ନମ୍ବର କୁ ବ୍ୟବହାର କରି ପଇଠ କରିପାରିବେ ।

## ୧୮. ଇ-କୋର୍ଟ୍ସ ମୋବାଇଲ ଆପ୍ ରେ ଏନ୍. ଜେ.ଡି.ଜି. (NJDG) ଲିଙ୍କ୍ :

ଯେତେବେଳେ ଆପଣ ଏନ୍.ଜେ.ଡି.ଜି. (NJDG) ବଟନ୍ କ୍ଲିକ୍ କରିବେ ଏହା ଆପଣଙ୍କୁ ସିଧାସଳଖ http://njdg.e-courts.gov.in ୱେବସାଇଟ କୁ ନେଇଯିବ, ଯେଉଁଠାରେ - ୧୯.୧. ଜାତୀୟ ନ୍ୟାୟିକ ତଥ୍ୟ ଗ୍ରୀଡ୍ ( ଜିଲ୍ଲା ଏବଂ ତାଲୁକା କୋର୍ଟ ), ୧୯.୨. ଜାତୀୟ ନ୍ୟାୟିକ ତଥ୍ୟ ଗ୍ରୀଡ୍ (ହାଇକୋର୍ଟ ), ମାଧ୍ୟମରେ ସବିଶେଷ ବିବରଣୀ ପ୍ରାପ୍ତ କରି ପାରିବେ । ଏନ୍. ଜେ.ଡି.ଜି. (NJDG) ବ୍ୟବହାର କଲାବେଳେ, ଆପଣଙ୍କୁ ରାଜ୍ୟ, ତା' ପରେ ଜିଲ୍ଲା ଚୟନ କରିବାକୁ ପଡିବ । ଡ୍ରିଲ ଡାଉନ ବିକଳ୍ପକୁ ବ୍ୟବହାର କରି, ବିଚାରାଧୀନ ଥିବା କେସ୍ ଗୁଡିକର ବିଭିନ୍ନ ବିବରଣୀ ପାଇପାରିବେ ତଥା କେସ୍ ବା ମାମଲା ଗୁଡିକର ଶେଷ ଶୁଣାଣି, କେସ୍ ପ୍ରକାର, କେସ୍ ଷ୍ଟେଜ ଇତ୍ୟାଦି । ଡ୍ରିଲ ଡାଉନ ବିକଳ୍ପକୁ ମୋବାଇଲ୍ ଦ୍ୱାରା ବ୍ୟବହାର କରି ଅଭିଜ୍ଞତା ହାସଲ କରନ୍ତୁ ।

| National Judicial Data Grid (District and Taluka Courts) | National Judicial Data Grid (High Courts) |
| --- | --- |
|  |  |

## ୧୯. ଇ-କୋର୍ଟ୍ସ ମୋବାଇଲ୍ ଆପ୍ ଦ୍ୱାରା ଇଣ୍ଡିଆ କୋଡ୍ ର ବ୍ୟବହାର:

ବର୍ତ୍ତମାନ ଇ-କୋର୍ଟ୍ସ ମୋବାଇଲ୍ ଆପ୍ ରେ ଇଣ୍ଡିଆ କୋଡ୍ କୁ ନୂତନ ବୈଶିଷ୍ଟ୍ୟ ଭାବରେ ଯୋଡ଼ାଯାଇଛି । ଯେଉଁଠି, କେହି ବି ବ୍ୟବହାରକାରୀ, ସମସ୍ତ ନିୟମ, ନିଯମାବଳୀ, ବିଜ୍ଞପ୍ତି ଇତ୍ୟାଦି ବିଷୟରେ ଜାଣି ପାରିବେ । ଏହା ଆପଣଙ୍କ ମୋବାଇଲ୍ ରେ ସମସ୍ତ ବେୟାର ଆକ୍ଟ କୁ ଏକ ମହାନ ସ୍ୟଗଣକ ପୁସ୍ତକ ଭାବରେ ରଖିପାରିବେ । ଉଦାହରଣ ସ୍ୱରୂପ, ଯଦି ଆପଣ ଦେୱାନୀ କାର୍ଯ୍ୟବିଧି ସଂହିତା (CPC ) ର କୌଣସି ପରିଚ୍ଛେଦ (Section) ବିଷୟରେ ଜାଣିବାକୁ ଇଚ୍ଛୁକ ତେବେ ଆପ୍ ଣଙ୍କୁ ଏଠାରେ ଦର୍ଶାଯାଇଥିବା ମୋବାଇଲ୍ ଆପ୍ ମାଧମରେ ସହଜରେ ପାଇପାରିବେ ।




## ୧୯.୧. ଇଣ୍ଡିଆ କୋଡ୍ ରୁ ବେୟାର ଆକ୍ଟ ଖୋଜିବା :

ଯଦି ଆପଣ କୌଣସି ବିଧି ବ୍ୟବସ୍ଥା କୁ ଖୋଜିବାକୁ ଚାହାଁନ୍ତି, ତେବେ ଆପ୍ ଣଙ୍କୁ ସର୍ଚ୍ଚ ବକ୍ସରେ ସର୍ଚ୍ଚିଂ କୋର୍ଡ ଟାଇପ କରିବାକୁ ପଡିବ ଏବଂ ତା’ ପରେ ଏହାକୁ ବିଷୟରେ ଆପଣ ଇଣ୍ଡିଆ କୋର୍ଡ ରୁ ତଥ୍ୟ ପାଇପାରିବେ । ଉଦାହରଣ ସ୍ୱରୂପ, ଯଦି ଆପଣ ଦଣ୍ଡ ସଂହିତା କିମ୍ବା ଦେବାନି କାର୍ଯ୍ୟବିଧି ସଂହିତା ବିଷୟରେ ଜାଣିବାକୁ ଚାହୁଁଛନ୍ତି ତେବେ ଆପ୍ ଣଙ୍କୁ ବକ୍ସରେ ଟାଇପ କରି, ଏହି ତଥ୍ୟ ପ୍ରାପ୍ତ କରି ପାରିବେ ।



## ୨୦. ଇ-କୋର୍ଟ୍ ମୋବାଇଲ୍ ଆପ୍ ରେ ଇ-ଫାଇଲିଂ ଲିଙ୍କ୍ :




ଆପଣ ମଧ୍ୟ, ଇ-ଫାଇଲିଂ, ଇ-ଦେୟ୍ ଏବଂ ଏନ୍.ଜେ.ଡି.ଜି. (NJDG) ଗୁଡିକୁ ଇ-କୋର୍ଟ୍ ସେବା ମାଧ୍ୟମରେ ବ୍ୟବହାର କରି ପାରିବେ । ଥରେ ଯଦି ଆପଣ ଇ- ଫାଇଲିଂ ଆପ୍ଲିକେସନ୍ କୁ ବାଛିବେ, ଏହା ଆପ୍ ଣଙ୍କୁ ସିଧାସଳଖ ଇ- ଫାଇଲିଂ ପୋର୍ଟାଲ ତଥା http://efiling.ecourts.gov.in ୱେବସାଇଟ କୁ ନେଇଯିବ, ଏବଂ ଇଣ୍ଡିଆ ମ୍ୟାପ ମାଧ୍ୟମରେ ଆପଣ ଆପଣଙ୍କ ରାଜ୍ୟ କୁ ଚୟନ କରି, କେସ୍ ର ଇ-ଫାଇଲିଂ ଆରମ୍ଭ କରି ପାରିବେ । ଇ-ଫାଇଲିଂ ପୋର୍ଟାଲରେ ଦିଆ ଯାଇଥିବା ସହାୟତା ଭିଡିଓ ଏବଂ ଟୁଟୋରିଆଲ ମାଧ୍ୟମରେ ଆପଣଙ୍କ କେସ୍ ର ଇ-ଫାଇଲିଂ ଆରମ୍ଭ କରି ପାରିବେ ଏବଂ ଆପଣ ଅତ୍ୟାଧୁନିକ ଯୁଗର ଓକିଲ ହୋଇପାରିବେ ।

## ୨୧. ଇ-କୋର୍ଟ୍ସ ମୋବାଇଲ୍ ଆପ୍ ରେ ଭର୍ଚୁଆଲ କୋର୍ଟ୍ ର ଲିଙ୍କ୍ :

ଜଣେ ମୋବାଇଲ୍ ଆପ୍ଲିକେସନ୍ଲିଙ୍କ୍ ଦ୍ୱାରା ଭର୍ଚୁଆଲ କୋର୍ଟ୍ ର ବ୍ୟବହାର କରି ପାରିବେ । ଭର୍ଚୁଆଲ କୋର୍ଟ୍ ର ପୋର୍ଟାଲ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ଗୁଡିକ ମୋବାଇଲ୍ ନମ୍ବର ଦ୍ୱାରା ସି.ଏନ୍.ଆର୍., ପକ୍ଷମାନଙ୍କ ନାମ, ଚାଲାନ ଦ୍ୱାରା ଏବଂ ବାହାନ ନମ୍ବର ଦ୍ୱାରା କେସ୍ ଗୁଡିକୁ ଖୋଜିଥାଏ । ଜଣେ, ମୋବାଇଲ୍ ଦ୍ୱାରା ଭର୍ଚୁଆଲ କୋର୍ଟ୍ ସହିତ ଲିଙ୍କ୍ ଥିବା ଆପ୍ଲିକେସନ ଦ୍ୱାରା ଜରିମାନା ପଇଠ କରିପାରିବେ । ତେଣୁ, ଜଣେ, କୋର୍ଟ୍ କୁ ନଯାଇ କିମ୍ବା ଭର୍ଚୁଆଲ କୋର୍ଟ୍ ପୋର୍ଟାଲ ନଖୋଲି, ଜଣଙ୍କର ମୋଟର ଦୁର୍ଘଟଣା ଜନିତ କେସ୍ ର ଜରିମାନା ଦେୟକୁ ସମାଧାନ କରି ପାରିବେ ।



## ୨୨. ଇ-କୋର୍ଟ୍ସ ମୋବାଇଲ୍ ଆପ୍ ରେ ଓକିଲ ମାନଙ୍କ ପାଇଁ ଲିଙ୍କ୍ ଫର୍ମ:

ଇ-କୋର୍ଟ୍ସ ମୋବାଇଲ୍ ଆପ୍ଲିକେସନ୍ନେନ୍ୟ ଅଧୀନ ରେ ଏକ ଉପଯୋଗୀ ଲିଙ୍କ୍ ଉପଲବ୍ଧ କରାଯାଇଛି - ଆଡଭୋକେଟ୍ ମାନଙ୍କ ପାଇଁ ଫର୍ମ ଏକ ଶେଷତମ ଯୋଗ । ଯଦି କୁହାଯାଇଥିବା ଲିଙ୍କ୍ କୁ ବ୍ୟବହାର କରନ୍ତି, ଏହା ଆପ୍ ଣଙ୍କୁ ଓକିଲ ମାନଙ୍କ ଦ୍ୱାରା ବ୍ୟବହାର ହୋଇଥିବା ବିଭିନ୍ନ ଫର୍ମ ବିଷୟରେ ଅବଗତ କରାଇଥାଏ । ଉଦାହରଣ ସ୍ୱରୂପ - ବେଲ୍ ବଣ୍ଡ, କପି ଆପ୍ଲିକେସନ୍ଫର୍ମ (ସି ଏ ଫର୍ମ ) ; କେସ୍ ସୂଚନା ଫର୍ମାଟ, ଫାଇଲିଂ ଫର୍ମ, ଇଣ୍ଡେକ୍ସ ଫର୍ମ, ମେମୋ ଅଫ୍ ଆପୀୟରାନ୍ସ, ନୋଟିସ ଡକ୍ୟୁମେଣ୍ଟ ପ୍ରଦାନ, ନିଶ୍ଚିନ୍ତତା ବଣ୍ଡ, ଓକାଲାତନାମା ବଣ୍ଡ ଇତ୍ୟାଦି । ଆଶା କରେ, ଆପଣ ଏହି ଉପଯୋଗୀ ଲିଙ୍କ୍ କୁ ଯାଞ୍ଚ କରିବା ପାଇଁ ଯଥେଷ୍ଟ ଆଗ୍ରହୀ ହେବେ ।




## ୨୩. ସହାୟତା ବିକଳ୍ପ

ଇ-କୋର୍ଟ୍ ସେବା ଅଧୀନରେ କିପରି ବିଭିନ୍ନ ବିକଳ୍ପ କୁ ବ୍ୟବହାର କରିବେ, ତାହା ସବୁ ଏହି ସହାୟତା ବିକଳ୍ପ ମାଧମ ରେ ପ୍ରଦର୍ଶନ କରଯାଇଛି ଯାହାକି କୌଣସି ସନ୍ଦେହାତ୍ମକ ପରିସ୍ଥିତିରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିବ । ପ୍ରତ୍ୟେକ ଟ୍ୟାବ କୁ ବ୍ୟବହାର କଲାବେଳେ ଏକ ପଦାଙ୍କ ସହିତ ସହାୟକ ପ୍ରତିଛବି ମାଧମରେ ଏହାର ବ୍ୟବାହାର ବିଷୟରେ ଅବଗତ କରାଏ । ଉଦାହରଣ ସ୍ୱରୂପ : ଆପଣ ଯଦି ଇ-କୋର୍ଟ୍ସ ସେବା ଆପ୍ ରେ ସହାୟତା ବିକଳ୍ପକୁ "ମାଇଁ କେସ୍ " ଟ୍ୟାବ୍ ଦ୍ୱାରା କ୍ଲିକ୍ କରନ୍ତି ଏହା ସହାୟତା ତଥ୍ୟ ଖୋଲିଥାଏ, ଯାହାକୁ ସ୍କ୍ରୀନସଟ୍ ମାଧମରେ ଦର୍ଶଯାଇଛି, ଯାହାକୁ ଅନୁସରଣ କରି ମେନ୍ୟୁକୁ ବ୍ୟବହାର କରି ପାରିବେ ।



ଭାରତ ର ଉଚ୍ଚ ନ୍ୟାୟାଳୟ / ଜିଲ୍ଲା ନ୍ୟାୟାଳୟ / ତାଲୁକା ନ୍ୟାୟାଳୟ ମାନଙ୍କ ପାଇଁ

# ଇ-ନ୍ୟାୟାଳୟ ସେବା ମୋବାଇଲ୍ ଆପ୍

ଆଣ୍ଡ୍ରୋଏଡ ଏବଂ ଆଇ. ଓ. ଏସ. ପାଇଁ

## ଇ-ନ୍ୟାୟାଳୟ ସେବା ଆପ୍

GET IT ON Google Play

Download on the App Store




- ମାମଲା ର ସ୍ଥିତି ପାଆନ୍ତୁ,କଜ୍ ଲିଷ୍ଟ (ମାମଲା ତାଲିକା),ନ୍ୟାୟାଳୟ ବିଚାର/ଆଦେଶାବଳୀ, "ମୋ ମାମଲା" ସହ ୨୪x୭ ଘଣ୍ଟା ଆପଣଙ୍କ ମାମଲା କୁ ସଂରକ୍ଷଣ କରି ଆପଣଙ୍କ ହାତରେ ରଖନ୍ତୁ
- ମାମଲାର ସମ୍ପୂର୍ଣ ଇତିହାସବିବରଣୀ ପାଆନ୍ତୁ
- ଆପ୍ ଣଙ୍କର ବିଚାରଆଦେଶଗୁଡିକ ଦେଖନ୍ତୁ
- ନ୍ୟାୟାଳୟ ପରିସର ସ୍ଥାନ ନିର୍ଦ୍ଧାରକ ପାଆନ୍ତୁ
- ସ୍ୱତନ୍ତ୍ର ସି.ଏନ୍.ଆର୍ କ୍ରମିକ ସଂଖ୍ୟା ସାହାଯ୍ୟ / ସହାୟତା ରେ ମାମଲା ଖୋଜନ୍ତୁ (https://services.ecourts.gov.in/ ରୁ ସି.ଏନ୍.ଆର୍ ନମ୍ବର ପାଆନ୍ତୁ)
- QR ( କ୍ୟୁ. ଆର. ) କୋଡ୍ ସ୍କାନ୍ ବ୍ୟବହାର କରି ମାମଲା ର ସ୍ଥିତି ପାଆନ୍ତୁ (http://services.ecourts.gov.in/) ରୁ କ୍ୟୁ. ଆର. କୋଡ୍ ପାଆନ୍ତୁ ।
- ମାମଲା ସଂଖ୍ୟା/ଦାଖଲ ସଂଖ୍ୟା/ଏଫ୍.ଆଇ.ଆର୍ ସଂଖ୍ୟା/ପକ୍ଷ ନାମ/ଓକିଲଙ୍କ ନାମ/ଅଧିନିୟମ/ମାମଲା ପ୍ରକାର ଇତ୍ୟାଦି ବ୍ୟବହାର କରି ମାମଲା ସ୍ଥିତି ପାଆନ୍ତୁ ।
- କଜ୍ ଲିଷ୍ଟ (ମାମଲା ତାଲିକା) ପାଆନ୍ତୁ
- "ମୋ ମାମଲା" (My Cases) ବିକଳ୍ପରେ ଆପଣଙ୍କ ମାମଲା ଗୁଡିକ ଗଚ୍ଛିତ ଏବଂ ସନ୍ଧାନ ପାଆନ୍ତୁ
- "ମୋ ମାମଲା" (My Cases) ରେ "ଆଜିର ମାମଲା" ଗୁଡିକ ସମ୍ବନ୍ଧରେ ସତର୍କ ପାଆନ୍ତୁ
- କ୍ୟାଲେଣ୍ଡର୍ ବିକଳ୍ପ ପାଆନ୍ତୁ

ଡାଉନଲୋଡ୍ କରନ୍ତୁ

**https://services.ecourts.gov.in/**